# <u>ସରବତୀ ଦେବୀ ମହିଳା ବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ପବିତ୍ର ଗୁରୁ ଦିବସ ପାଳିତ</u>

ଅଦ୍ୟ ତା ୦୫/୦୯/୨୦୨୨ରିଖ ଦିନ ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଥିଲା। ଉକ୍ତ ଦିବସ ଉପଲକ୍ଷେ ଅବସର ପ୍ରାକ୍ତନ ଇତିହାସ ପ୍ରଧ୍ୟାପକ ଶ୍ରୀଯୁକ୍ତ କ୍ଷେତ୍ରବାସୀ ପଟେଲ ଓ କାର୍ଯ୍ୟରତ ଅଧ୍ୟକ୍ଷ ଶ୍ରୀଯୁକ୍ତ ବିପିନ୍ ଚୌଧୁରୀ ମହୋଦୟଙ୍କୁ ସମ୍ମାନୀତ କରିବା ସକାଶେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଏକ ଛୋଟ ସଭାର ଆୟୋଜନ ହୋଇଥିଲା।

ସଭାକାର୍ଯ୍ୟ ପ୍ରାରମ୍ଭରେ ଈଶ୍ବରଙ୍କ ନିକଟରେ ଦୀପ ପ୍ରଜ୍ଜ୍ୱଳନ କରି ସ୍ବାଗତ ସଙ୍ଗୀତ ଗାନ କରାଯାଇଥିଲା।ପରେ ବିଭାଗୀୟ ଛାତ୍ରୀମାନେ ପୁଷ୍ପଗୁଚ୍ଛ ଓ ବ୍ୟାଜ ପ୍ରଦାନ କରି ଅତିଥିଙ୍କୁ ଆପ୍ୟାୟିତ କରିଥିଲେ। ବିଭାଗୀୟ ମୁଖ୍ୟ ଡ଼ ଶ୍ରୀମତୀ ସରିତା କିଣ୍ଡୋ ଅତିଥି ପରିଚୟ ପ୍ରଦାନ ସହ ଜୀବନରେ ଗୁରୁଙ୍କ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପ୍ରାକ୍ତନ ଇତିହାସ ପ୍ରଧ୍ୟାପକ ଶ୍ରୀଯୁକ୍ତ କ୍ଷେତ୍ରବାସୀ ପଟେଲ ମହୋଦୟ ମହାର୍ଘ୍ୟ ପୁରାଣ ଆଦିରୁ ଗୁରୁ – ଶିଷ୍ୟ ପରମ୍ପରାର ଅନେକ ନିଦର୍ଶନ ପ୍ରଦାନ କରି ଛାତ୍ରୀଙ୍କୁ ଗୁରୁଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପାଇଁ ଉଦବୋଧନ ଦେଇଥିଲେ। ଉପାଧ୍ୟକ୍ଷ ଶ୍ରୀମତୀ କୌଶଲ୍ୟା ଅଗ୍ରୱାଲ ମହୋଦୟା ଛାତ୍ରୀଙ୍କୁ ସର୍ବଦା କର୍ମଠ, ସତ୍ୟବାଦୀ ଓ ନ୍ୟାୟବନ୍ତ ହେବାକୁ ପରାମର୍ଶ ଦେଇଥିଲେ।

ବିଭାଗୀୟ ଛାତ୍ରୀମାନେ ଗୁରୁଦିବସ ଅବସରରେ ସେମାନଙ୍କର ମନୋଭାବ ପ୍ରକାଶ କରିବା ସହିତ ସମସ୍ତ ଗୁରୁଙ୍କ ଶ୍ରୀଚରଣରେ ବନ୍ଦନା କରିଥିଲେ । ଶେଷରେ ଅତିଥି ଏବଂ ଅଧ୍ୟକ୍ଷ ମହୋଦୟଙ୍କୁ ଉପଢୌକନ ପ୍ରଦାନ କରି ଓଡ଼ିଆ ଭାଷା ଓ ସାହିତ୍ୟ ପରିବାର ଆଶୀର୍ବାଦ ଗ୍ରହଣ କରିଥିଲେ। ଶେଷରେ ଛାତ୍ରୀ ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରି ସଭା ସମାପ୍ତ କରିଥିଲେ। ଉକ୍ତ ସଭାରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ଼ ଶ୍ରୀମତୀ ସରିତା କିଣ୍ଡୋ, ସହଯୋଗୀ କର୍ମୀ ଅଧ୍ୟାପିକା ରଜନୀ ଓରାମ, ଅତିଥି ଅଧ୍ୟାପିକା ଶ୍ରୀମତୀ ସୁନେଲୀ ଶର୍ମା ଏବଂ ସମସ୍ତ ଛାତ୍ରୀ ଉପସ୍ଥିତ ରହି ଉକ୍ତ କାର୍ଯ୍ୟଟିକୁ ସଫଳ ମଣ୍ଡିତ କରିଥିଲେ।


ପବିତ୍ର ଗୁରୁ ଦିବସ ସମାରୋହ
ଡ. ସର୍ବପଲ୍ଲୀ ରାଧାକୃଷ୍ଣାନ
ଗୁରୁ ଦିବସ


ପବିତ୍ର ଗୁରୁ ଦିବସ ସମାରୋହ
REDMI K20 PRO
ANITA
05/09/2022 13:06

# सरबती देवी महिला महाविद्यालय में मना शिक्षक दिवस



राजगांगपुर, (संवाद सूत्र) : मंगलवार को राजगांगपुर स्थित सरबती देवी महिला महाविद्यालय के ओड़िया भाषा व साहित्य विभाग में पवित्र गुरु दिवस मनाया गया। इस अवसर पर इतिहास प्रधयापक क्षेत्रवर पटेल व सरबती देवी महिला महाविद्यालय के प्रचार्य बिपिन चौधरी को सम्मानित करने सहित ओड़िया भाषा व साहित्य विभाग की ओर से एक क्षुद्र सभा का आयोजन किया गया। सभा कार्य के आरंभ में ईश्वर के निकट द्वीप प्रज्वलित कर स्वागत संगीत गान किया गया। विभागीय छात्रियों द्वारा सम्मानित अतिथियों को पुष्पगुच्छ व बैच प्रदान किया गया। विभागीय प्रमुख डाक्टर सरिता किंडो ने सभा में उपस्थित अतिथियों का परिचय सहित जीवन में गुरु के महत्व के बारे में जानकारी दी। मुख्य अतिथि क्षेत्रवर पटेल ने गुरु-शिक्षा परंपरा के ऊपर अनेक निर्देश प्रदान कर छात्रियों को गुरु के प्रति सम्मान प्रदर्शन करने के लिए उद्बोधन दिया। महाविद्यालय की उपाध्यक्ष डाक्टर कौशल्या अग्रवाल ने छात्रियों को सर्वदा कर्मठ, सत्यावादी, व न्यायवंत होने का परामर्श दिया। उक्त दिवस पर विभागीय छात्रियों द्वारा अपने मनोभाव प्रकाश करने सहित सभी गुरुजनों का श्रीचरण वंदना कर अंत में अतिथियों एवं अध्यक्ष को शाल प्रदान कर सम्मानित किया गया। इस अवसर पर ओड़िया भाषा व साहित्य विभाग की सहकर्मी अध्यापिका रजनी ओराम, सुनेली शर्मा श्रद्धांजलि पटनायक, सहित महाविद्यालय के छात्री उपस्थित रह कर सहयोग किया।

